# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 November - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ସମ୍ବଲପୁରରେ ତିନୋଟି ହାତୀ ମୃତ୍ୟୁ ଘଟଣାରେ ନିଜ ଆଡୁ ଜନସ୍ୱାର୍ଥ ମାମଲା ଦାୟର କଲେ ହାଇକୋର୍ଟ; ରାଜ୍ୟ ସରକାରଙ୍କୁ ଜବାବ ତଲବ
- ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ
- ବରଗଡ଼ ଜିଲ୍ଲାରୁ ଆସନ୍ତାକାଲିଠାରୁ ଆରମ୍ଭ ହେବ ଧାନକିଣା ପ୍ରକ୍ରିୟା

ଏବଂ

- ବିଶ୍ୱ ଶୌଚାଳୟ ଦିବସ ଉପଲକ୍ଷେ ଆଜି ଆରମ୍ଭ ହେଲା 'ଆମ ଶୌଚାଳୟ, ଆମ ସମ୍ମାନ' ଅଭିଯାନ

*HS*

## ହାତୀ ମୃତ୍ୟୁ ଘଟଣା

ସମ୍ବଲପୁର ଜିଲ୍ଲାର ନାକ୍ଟିଦେଉଳ ରେଞ୍ଜ୍ ଅନ୍ତର୍ଗତ ବୁରୋମାଲ ଜଙ୍ଗଲରେ ୩ଟି ହାତୀଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ହାଇକୋର୍ଟ ନିଜ ଆଡୁ ଏକ ଜନସ୍ୱାର୍ଥ ମାମଲା ଦାୟର୍ କରିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କୁ ମାମଲାରେ ଜବାବ ତଲବ କରିଛନ୍ତି । ଅନ୍ୟପକ୍ଷରେ ଘଟଣାରେ ୩ ଜଣ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

ସୂଚନା ଅନୁସାରେ, ବୁରୋମାଲ ଜଙ୍ଗଲରୁ ଗତକାଲି ତିନୋଟି ହାତୀର ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଯୋଗୁଁ ହାତୀଙ୍କର ମୃତ୍ୟୁ ହୋଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଗତ କିଛିଦିନ ହେବ ନାକଟିଦେଉଳ ରେଞ୍ଜରେ ହାତୀପଲ ଚଳପ୍ରଚଳ କରୁଥିଲେ।

*BBSR/r*

## ସର୍ବଦଳୀୟ ବୈଠକ

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ୨୫ ତାରିଖରେ ସର୍ବଦଳୀୟ ବୈଠକ ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଆସନ୍ତା ଅଧିବେଶନର ସୁପରିଚାଳନା ନେଇ ବୈଠକରେ

ବିସ୍ତୃତ ଆଲୋଚନା କରାଯିବା ସହ ବାଚସ୍ପତି ସମସ୍ତଙ୍କର ମତାମତ ଓ ସହଯୋଗ ନେବେ। ନଭେମ୍ବର ୨୬ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବା ନେଇ ସ୍ଥିର କରାଯାଇଛି।

ସୂଚନା ଅନୁସାରେ, ରାଜ୍ୟ କ୍ୟାବିନେଟ୍ ଏବଂ ମନ୍ତ୍ରି ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଚିଠା ବଜେଟ୍‌କୁ ଅନୁମୋଦନ ମିଳିବାର ସମ୍ଭାବନା ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ଶୀତକାଳୀନ ଅଧିବେଶନରେ ୩୦ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ। ଡିସେମ୍ବର ୫ ତାରିଖରେ ପ୍ରଥମ ଅତିରିକ୍ତ ବଜେଟ୍ ଉପରେ ବ୍ୟୟ ମଞ୍ଜୁରି ବିଲ୍ ଉପସ୍ଥାପନ ହେବାର କାର୍ଯ୍ୟସୂଚୀ ରହିଛି ।

***BBSR/R***

## ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ

ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆସନ୍ତା ୨୯ରୁ ୧ ତାରିଖ ପର୍ଯ୍ୟନ୍ତ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେବେ

ବୋଲି ବିଜେପିର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଜ୍ୟଗୁଡ଼ିକର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ । ମାଓ ଦମନ, ଅପରାଧ ନିୟନ୍ତ୍ରଣ, ଭିତ୍ତିଭୂମି ବିକାଶ, ମାନବ ସମ୍ବଳ ଓ ନୂଆ ଜ୍ଞାନକୌଶଳର ଉପଯୋଗକୁ ଗୁରୁତ୍ୱ ଦିଆଯିବ । ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଏସ୍ଏଫ୍ ଡିଜି, ସିଆର୍‌ପିଏଫ୍, ଆଇବି, ଏନ୍‌ଏସ୍‌ଜି ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***BBSR/R***

## ଧାନ କିଣା ପ୍ରକ୍ରିୟା ଆରମ୍ଭ

ରାଜ୍ୟରେ ଆସନ୍ତାକାଲିଠାରୁ ଖରିଫ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ । ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଆସନ୍ତାକାଲିଠାରୁ ବରଗଡ଼ ଏବଂ ଗୁରୁବାରଠାରୁ ସମ୍ବଲପୁରରେ ଧାନକିଣା ଆରମ୍ଭ ହେବ । ଧାନକିଣା ଆରମ୍ଭରୁ ବିକ୍ରି ପର୍ଯ୍ୟନ୍ତ ମଣ୍ଡିରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବେ । କଟନୀ ଛଟନୀ ସହ ଚାଷୀଙ୍କୁ ଧାନର ଉପଯୁକ୍ତ ମୂଲ୍ୟ ବ୍ୟବସ୍ଥାର ଅଧିକାରୀମାନେ ତଦାରଖ କରିବେ । ଚାରିରୁ ପାଞ୍ଚଟି ମଣ୍ଡିକୁ ନେଇ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି ।  ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା କରିଛନ୍ତି ।

ଚାଷୀମାନଙ୍କୁ ସବ୍‌ସିଡି ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

**- V/O –**

***BHK/Desk/PIB***
***BHK/Desk/PIB***

## ବିଶ୍ୱ ଶୌଚାଳୟ ଦିବସ

ଜନସାଧାରଣଙ୍କ ମଧ୍ୟରେ ପରିମଳ ତଥା ଶୌଚାଳୟର ବ୍ୟବହାର ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି । ୨୦୧୩ ମସିହାରେ ବିଶ୍ୱ ଶୌଚାଳୟ ଦିବସ ପାଳନ ନେଇ ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା । ସେବେଠାରୁ ପ୍ରତି ବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ଆଜି ପାନୀୟ ଜଳ ଏବଂ ପରିମଳ ବିଭାଗ ପକ୍ଷରୁ ଦେଶବ୍ୟାପୀ 'ଆମ ଶୌଚାଳୟ, ଆମ ସମ୍ମାନ' ଅଭିଯାନ ଆରମ୍ଭ ହୋଇଛି । ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଅଭିଯାନ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଶୌଚାଳୟର ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବା ସହ ପରିମଳର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯିବ ।

ବିଶ୍ୱ ଶୌଚାଳୟ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଭାରତ ସ୍ୱଚ୍ଛତାର ମାଇଲ ଖୁଣ୍ଟ ସ୍ଥାପନ କରିଛି। ସ୍ୱଚ୍ଛ ଭାରତ ମିଶନ 'ସ୍ୱଚ୍ଛ ଓ ପରିମଳ' ବାତାବରଣ ସୃଷ୍ଟି କରିବା ସହ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏହି ଅବସରରେ ବାହ୍ୟ ମଳମୁକ୍ତ ଭାରତ ଗଠନ କରିବା ସହ ସୁସ୍ଥ ଏବଂ ସ୍ୱଚ୍ଛ ଦେଶ ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଭଦ୍ରକ ଜିଲ୍ଲା ଜଳ ପରିମଳ ମିଶନ ପକ୍ଷରୁ ଡିଆର୍‌ଡିଏ କାର୍ଯ୍ୟାଳୟରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଏବଂ ଶୌଚାଳୟ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

***Desk***

# ମତାମତ

ବିକଶିତ ଓଡ଼ିଶା-୨୦୩୬ ଏବଂ ୨୦୪୭ ବିକଶିତ ଭାରତକୁ ନେଇ ପ୍ରସ୍ତୁତ ହେଉଥିବା ଭିଜନ ଡକ୍ୟୁମେଣ୍ଟ ପାଇଁ ମତାମତ ଦାଖଲ ସମୟସୀମାକୁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବିଭିନ୍ନ ବର୍ଗର ଲୋକଙ୍କଠାରୁ ୱେବ୍ ପୋର୍ଟାଲ୍, ହ୍ୱାଟସଆପ୍ ଏବଂ ଇ-

ମେଲ୍ ମାଧ୍ୟମରେ ମତାମତ ଆହ୍ୱାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ଏହି ସମୟସୀମାକୁ ବୃଦ୍ଧି କରାଯାଇଛି । ଗତକାଲି ସନ୍ଧ୍ୟାସୁଦ୍ଧା ୧୫ ହଜାର ମତାମତ ମିଳିଥିବା ଜଣାପଡ଼ିଛି । ଜନସାଧାରଣ vision@odisha.gov.in ରେ ଇ-ମେଲ୍ କିମ୍ବା ୬୩୭୦-୯୫୧-୯୨୦ ନମ୍ବରରେ ହ୍ୱାଟ୍ସଆପ୍ ମାଧମରେ ନିଜର ମତାମତ ପଠାଇପାରିବେ ।

***Ganjam***

## ଉନ୍ନୟନ ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଚିକିଟି ନିର୍ବାଚନ ମଣ୍ଡଳୀର ଉନ୍ନୟନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚିକିଟି ବିଧାୟକ ମନୋରଞ୍ଜନ ଜ୍ଞାନ ସାମନ୍ତରାୟ କୃଷି, ପାନୀୟ ଜଳ, ଶିକ୍ଷା, ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳ ସେଚନ ଆଦି ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ ।

***Desk***

## କୋଣାର୍କ ମହୋତ୍ସବ

୩୫ତମ କୋଣାର୍କ ମହୋତ୍ସବ ଏବଂ ୧୪ତମ ଚନ୍ଦ୍ରଭାଗା ଆନ୍ତର୍ଜାତିକ ବାଲୁକା ଉତ୍ସବ ଆସନ୍ତା ଡିସେମ୍ବର ମାସ ପହିଲାରୁ ଆରମ୍ଭ ହେବ । ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ଲାଗି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା

ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ଲାଗି ବିସ୍ତୃତ ଆଲୋଚନା ହୋଇଥିଲା ।

***Desk***

## ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରାରେ ଲୋକମାନଙ୍କ ଭିଡ଼ ବୃଦ୍ଧି ପାଉଛି । ଆଜି ପଞ୍ଚମ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟ କେତେକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡ଼ିଛି । ଚଳିତ ବର୍ଷ ଓରମାସ୍ ପକ୍ଷରୁ ରାଜ୍ୟର ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଉଛି । ବାଲିଯାତ୍ରା ବୁଲିବାକୁ ଆସୁଥିବା ଲୋକମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ମଜା ନେବା ସହ ବିଭିନ୍ନ ସଂସ୍ଥା ଦ୍ୱାରା ଖୋଲାଯାଇଥିବା ଷ୍ଟଲ୍ ପରିଦର୍ଶନ କରୁଛନ୍ତି ।

***Desk***

## କାର୍ତ୍ତିକ ମହୋତ୍ସବ

କଟକ ଜିଲ୍ଲା ଖୁଣ୍ଟୁଣିସ୍ଥିତି ରମ୍ଭେଇ ଯାତ୍ରା ପଡ଼ିଆରେ ଆଜିଠାରୁ କାର୍ତ୍ତିକ ମହୋତ୍ସବ ଆରମ୍ଭ ହେଉଛି । ଏହା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଆୟୋଜକ ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ, ଆସନ୍ତା ୨୪ ତାରିଖରେ ସମସ୍ତ

ମେଢ଼ ଶୋଭାଯାତ୍ରାରେ ଯାଇ ବଜାର ପରିକ୍ରମା କରି ବିସର୍ଜନ କରାଯିବ। ଚଳିତ ବର୍ଷ ଖୁଣ୍ଟୁଣି କାର୍ତ୍ତିକ ପୂଜାକୁ ୮୨ ବର୍ଷ ପୂରଣ ହୋଇଛି।

***Desk***

## ଶୀତ

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଗତ ଦୁଇଦିନ ହେବ ତାପମାତ୍ରା ହ୍ରାସ ପାଇବା ସହ ଶୀତର ପ୍ରଭାବ ବୃଦ୍ଧି ପାଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା ସହ କେତେକ ସ୍ଥାନରେ କୁହୁଡ଼ି ଅନୁଭୂତ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।